# भाकृअनुप – राष्ट्रीय चावल अनुसंधान संस्थान
**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

**(An ISO 9001: 2015 Certified Institute)**

## କୃଷି ସୂଚନା ସେବା (ଧାନ)

### ୨୦୨୩ ମସିହା ଜୁଲାଇ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

**ଉଚ୍ଚ ଜମିରେ ଶୁଖିଲା ଧାନ ବୁଣା**

- ଢ଼ିପ ଜମିରେ ଘାସ ନିୟନ୍ତ୍ରଣ ପାଇଁ ଘାସ ଗଜା ହେବାର ୮-୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ପତ୍ର ଅବସ୍ଥାରେ ଥିବା ସମୟରେ ଏକର ପ୍ରତି ଘାସମରା ଔଷଧ ବିସ୍‌ପାଇରିବାକ୍ ସୋଡିୟମ୍ ୧୦% ଏସ୍.ସି. ୧୨୦ ମି.ଲି. ୧୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପ୍ରତି ଫେନୋକ୍ସାପ୍ରୋପ୍ - ପି. ଇଥାଇଲ୍ ୯ ଇ.ସି. (ରାଇସ୍ ଷ୍ଟାର୍) ୨୬୦ ମି.ଲି. ଧାନ ବୁଣିବାର ୨୦ ଦିନ ପରେ ମାଟି ଓଦାଳିଆ ଅବସ୍ଥାରେ ପ୍ରୟୋଗ କରନ୍ତୁ ।

**ଖାଲୁଆ ଜମିରେ ଶୁଖିଲା ବୁଣା ଧାନ :**

- ଖାଲୁଆ ଜମିରେ ଶୁଖିଲା ଧାନ ବୁଣିଥିଲେ ସେଠାରେ ଘାସ ନିୟନ୍ତ୍ରଣ ପାଇଁ ଘାସ ଗଜା ହେବାର ୮-୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ପତ୍ର ଥିବା ଅବସ୍ଥାରେ ଏକର ପ୍ରତି ଘାସମରା ଔଷଧ ୧୨୦ ମି.ଲି. ବିସ୍‌ପାଇରିବାକ୍ ସୋଡିୟମ୍ ୧୦% ଏସ୍.ସି.୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୨୬୦ ଗ୍ରାମ୍ ଫେନୋକ୍ସାପ୍ରୋପ୍-ପି. ଇଥାଇଲ୍ ୯ ଇ.ସି. (ରାଇସ୍ ଷ୍ଟାର୍) ସହିତ ୫୦ ଗ୍ରାମ୍ ଇଥୋକ୍ସି ସଲ୍‌ଫ୍ୟୁରନ୍ (ସନ୍‌ରାଇଜ୍) ଧାନ ବୁଣିବାର ୧୫ ରୁ ୨୦ ଦିନ ପରେ ମାଟି ଓଦାଳିଆ ଅବସ୍ଥାରେ ପ୍ରୟୋଗ କରନ୍ତୁ ।

**ରୁଆ ଧାନ :**

- ଲୁଣିଯୁକ୍ତ ମାଟି ଏବଂ ଲୁଣି ପାଣି ପ୍ରଭାବିତ ଜମିରେ ଶୁଖିଲା ତଳିଘରା କରନ୍ତୁ ନାହିଁ । ଏଭଳି ଅଞ୍ଚଳରେ ସାମୁହିକ ତଳିଘରା (କମ୍ୟୁନିଟି ନର୍ସରୀ) ପାଇଁ କମ୍ ଲୁଣି ଜମି ଦେଖି ପ୍ରସ୍ତୁତ କରନ୍ତୁ ।
- ଉପଯୁକ୍ତ ଜଳସେଚନ ତଥା ଜଳ ନିଷ୍କାସନ ସୁବିଧା ଥିବା ସ୍ଥାନରେ କାଦୁଆ ତଳିଘରା ପ୍ରସ୍ତୁତ କରନ୍ତୁ । ଗାଁ ମାନଙ୍କରେ ସାମୁହିକ ତଳିଘରା (କମ୍ୟୁନିଟି ନର୍ସରୀ) କରିବା ପାଇଁ ଚାଷୀଭାଇମାନଙ୍କୁ ଉପଦେଶ ଦିଆଯାଉଛି ।
- ଏକ ଏକର ଧାନ ଜମିରେ ରୋଇବା ପାଇଁ ୩୨୦ ବର୍ଗ ମିଟର (୨ ଗୁଣ୍ଠ ବା ୮ ସେଣ୍ଟ) ତଳି ଘରା ପ୍ରସ୍ତୁତ କରନ୍ତୁ । ଉଚ୍ଚତା ୧୦ ସେ.ମି., ପ୍ରସ୍ଥ ୧.୨ ରୁ ୧.୫ ମିଟର ଓ ସୁବିଧା ଅନୁସାରେ ଲମ୍ବା ପଟାଳି ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ଦୁଇ ତଳିଘରା ପଟାଳି ମଧ୍ୟରେ ୩୦ ରୁ ୪୫ ସେ.ମି. ବ୍ୟବଧାନର ଏକ ନାଳୀ ଜଳ ସେଚନ ଓ ଜଳ ନିଷ୍କାସନ ପାଇଁ ରଖନ୍ତୁ ।
- ଅଧିକ ଅମଳକ୍ଷମ ଧାନ ହୋଇଥିଲେ ଏକର ପିଛା ୧୪-୧୬ କି.ଗ୍ରା ବିହନ ଏବଂ ସଙ୍କର ଧାନ ପାଇଁ ଏକର ପିଛା ୫-୬ କି.ଗ୍ରା ବିହନ ତଳିଘରା ପାଇଁ ବ୍ୟବହାର କରନ୍ତୁ । କମ ଉର୍ବରତା ଜମିରେ ବର୍ଗମିଟର ପିଛା ୬-୩-୩ ଗ୍ରାମ୍ ହିସାବରେ $N: P_2O_5 : K_2O$ ତଳିଘରା ପ୍ରସ୍ତୁତି ସମୟରେ ପ୍ରୟୋଗ କରନ୍ତୁ । ଜିଙ୍କର ପରିମାଣ କମ୍ ଥିବା ଜମିରେ ୯୬୦ ଗ୍ରାମ୍ ଜିଙ୍କ୍ ସଲଫେଟ୍ ୩୨୦ ବର୍ଗମିଟର (୮ ସେଣ୍ଟ) ତଳିଘରାରେ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ ।
- ତଳି ପକାଇବା ପୂର୍ବରୁ ବିହନକୁ ବିଶୋଧନ ନିମନ୍ତେ ଏକ କିଲୋଗ୍ରାମ୍ ବିହନ ପାଇଁ ୧୦ ଗ୍ରାମ୍ ଟ୍ରାଇକୋଡର୍ମା ଜୀବାଣୁ ଗୁଣ୍ଡ ବ୍ୟବହାର କରନ୍ତୁ । ଏହି ପ୍ରଣାଳୀ ପାଇଁ ବିହନକୁ ୮ ଘଣ୍ଟା ବତୁରାଇ ପାଣିରୁ ଛାଣିଲା ପରେ ଟ୍ରାଇକୋଡର୍ମା ଗୁଣ୍ଡ ମିଶାଇ ଏକ ଓଦା ଅଖା କିମ୍ବା ପଲିଥିନ୍ ସାହାଯ୍ୟରେ ୧୨ ରୁ ୨୪ ଘଣ୍ଟା ଘୋଡାଇ ରଖନ୍ତୁ କିମ୍ବା ଅନ୍ୟ ବିଶୋଧକ

ଭାବେ ଏକ କି.ଗ୍ରା. ବିହନରେ ୩ ଗ୍ରାମ୍ କ୍ୟାପ୍ଟାନ୍ ୫୦% (କ୍ୟାପ୍ ଗୋଲଡ୍ / କ୍ୟାପ୍ଟାରା) କିମ୍ବା ଥିରାମ୍ ୭୫% (ଥିରାମ ୭୫ / ଥାଇରୋକ୍ସ) କିମ୍ବା ଅନ୍ୟ ବିକଳ୍ପ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଶୋଧନ ଔଷଧ ବ୍ୟବହାର କରିପାରନ୍ତି ।

- ଅତ୍ୟଧିକ ଘାସ ପ୍ରଭାବିତ ତଳିଘରାରେ ଘାସ ନିୟନ୍ତ୍ରଣ କରିବା ପାଇଁ ବିହନ ବୁଣିବାର ୩-୫ ଦିନ ଭିତରେ ଏକର ପିଛା ୮୦ ଗ୍ରାମ୍ ପାଇରାଜୋସଲଫ୍ୟୁରାନ୍ ଇଥାଇଲ୍ କିମ୍ବା ଘାସ ଗଜା ହେବାର ୮ ରୁ ୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ଟି ପତ୍ରଥିବା ଅବସ୍ଥାରେ ୧୨୦ ମି.ଲି. ବିସ୍‌ପାରିବାକ୍‌ସୋଡିୟମ୍ ୧୦% ଏସ୍.ସି. ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ ।

- ଯଦି ତଳିଘରାରେ ଉକୁଣିଆ ପୋକ ଦେଖାଯାଏ ତେବେ ଏକର ପ୍ରତି NSKE (ଆଜାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫ % ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।

- ଯେଉଁ ଜାଗାରେ ଚେରଗଣ୍ଠି ରୋଗ ଏବଂ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଅଧିକା ଥାଏ, ସେଠାରେ ଧାନ ବୁଣିବାର ୫ ଦିନ ପରେ ପ୍ରତି ବର୍ଗମିଟର ତଳିଘରା ପିଛା, କାର୍ବୋଫ୍ୟୁରାନ୍ ଦାନାଦାର ୩ ଗ୍ରାମ୍ କିମ୍ବା ଫୋରେଟ୍ ୧ ଗ୍ରାମ୍ କିମ୍ବା ଡାଇଆଜିନନ୍ ୧ ଗ୍ରାମ୍ ପ୍ରୟୋଗ କରନ୍ତୁ ।

- ଯଦି ତଳିଘରାରେ ପତ୍ରପୋଡା ରୋଗ ଦେଖାଯାଏ ତେବେ ଏକ ଲିଟର ପାଣିରେ ପ୍ରୋପିକୋନାଜୋଲ ୧ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

- ତଳିଘରାରେ ମହିଷା ରୋଗ ଲକ୍ଷଣ ଦେଖାଦେଲେ ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ୍ କିମ୍ବା ଆଇସୋପ୍ରୋଥିଓଲେନ୍ ୪୦ ଇ.ସି. ୧.୫ ମି.ଲି.ସିଞ୍ଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉ ଥରେ ପ୍ରୟୋଗ କରନ୍ତୁ ।

- ତଳିଘରାରେ ବକାନୀ ରୋଗ ଦେଖାଦେଲେ ଏକ ଲିଟର ପାଣିରେ କାର୍ବେଣ୍ଡାଜିମ୍ ୬୪% + ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି. ଭଲଭାବେ ମିଶାଇ ସିଞ୍ଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉଥରେ ପ୍ରୟୋଗ କରନ୍ତୁ ।
- ତଳିଘରାରେ ପତ୍ରଚିତ୍ରା ରୋଗ ଦେଖାଦେଲେ ଏକ ଲିଟର ପାଣିରେ ୧ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. କିମ୍ବା ମ୍ୟାଙ୍କୋଜେବ୍ ୭୫ ଡବ୍ଲ୍ୟୁ.ପି. କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୬୪% ସହିତ ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି ଭଲଭାବେ ମିଶାଇ ସିଞ୍ଚନ କରନ୍ତୁ ।
- ଟୁଙ୍ଗ୍ରୋ ରୋଗର ଲକ୍ଷଣ ଦେଖାଦେଲେ ଏହି ରୋଗର ବାହକ ସବୁଜ ପତ୍ରଡିଆଁ ପୋକକୁ ନିୟନ୍ତ୍ରଣ କରିବା ପାଇଁ ଏକ ଲିଟର ପାଣିରେ ୦.୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୭.୮ ଏସ୍.ଏଲ କିମ୍ବା ୦.୨ ଗ୍ରାମ୍ ଥାୟାମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି ମିଶାଇ ସିଞ୍ଚନ କରନ୍ତୁ ।

- କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର ତଳିଘରା ପିଛା ତିନୋଟି ଫେରୋମୋନ୍ ଯନ୍ତା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପୋକ ଦେଖାଯାଆନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ପ୍ରୟୋଗ କରନ୍ତୁ ।

- ନଳୀପୋକ ଦେଖାଦେଲେ ଏକର ପିଛା ୮୦ ମି.ଲି. ଇଣ୍ଡୋକ୍ସାକାର୍ବ ୧୫.୮% ଇ.ସି. କିମ୍ବା ୨୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍.ସି. ପ୍ରୟୋଗ କରନ୍ତୁ ।

- ଧାନ ରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇବା ପାଇଁ ୧୫ ରୁ ୨୦ ଦିନ ପୂର୍ବରୁ ମଶିଣା ତଳିଘରା ପ୍ରସ୍ତୁତ କରନ୍ତୁ । ପଲିଥିନ୍‌କୁ ସମାନ ଭାବେ ସମତଳ ଚଟାଣ ବା ଜମିରେ ବିଛାଇ ଦିଅନ୍ତୁ ଏବଂ ଏହା ଉପରେ ବର୍ଗାକାରର ଏକ କାଠ ଛାଞ୍ଚ ରଖନ୍ତୁ । ଚାରିଭାଗ ଗୁଣ୍ଡ ମାଟି ସହିତ ଏକ ଭାଗ ଗୁଣ୍ଡ ଜୈବିକ ସାର ମିଶ୍ରଣକୁ ପଲିଥିନ୍ ଉପରେ ୨ ସେ.ମି.

ବହଳରେ ସମତଳ ଭାବେ ବିଛାଇ ଦିଅନ୍ତୁ । ପୂର୍ବ ଗଜୁରିତ ଧାନ ବିହନକୁ ପ୍ରସ୍ତୁତ ଥିବା ପଲିଥିନ୍ ତଳିଘରା ଉପରେ ବୁଣନ୍ତୁ । ବୁଣିସାରିବା ପରେ ମଞ୍ଜିକୁ ୦.୫ ସେ.ମି. ବହଳର ମାଟି ଗୁଣ୍ଡ ଦ୍ୱାରା ଘୋଡାଇ ଦିଅନ୍ତୁ । ତଳିଘରା ଖୋଲା ଜାଗାରେ ଥିଲେ କିଛି ନଡା କିମ୍ବା କଦଳୀପତ୍ର ଦ୍ୱାରା ୨ ରୁ ୩ ଦିନ ଘୋଡାଇ ଦିଅନ୍ତୁ । ତଳିଘରାକୁ ଓଦା ରଖିବା ପାଇଁ ନିୟମିତ ବ୍ୟବଧାନରେ ଜଳସେଚନ କରନ୍ତୁ । ଏକ ଏକର ଚାଷ ଜମି ପାଇଁ ୪୦ ବର୍ଗମିଟର (ଏକ ସେଣ୍ଟ) ତଳିଘରା ଆବଶ୍ୟକ ହୋଇଥାଏ ।

- ମୁଖ୍ୟ ଜମିକୁ ୭-୧୦ ଦିନ ବ୍ୟବଧାନରେ ଦୁଇଥର କାଦୁଅ କରି ଭଲଭାବେ ସମତଳ କରି ଦିଅନ୍ତୁ । ପ୍ରଥମ କାଦୁଅ ପୂର୍ବରୁ ଏକର ପ୍ରତି ୮ କ୍ୱିଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ ।
- ମୁଖ୍ୟ ଜମିରେ ପ୍ରଥମ ଥର କାଦୁଅ କରିବା ସମୟରେ ଧଣିଚ ଗଛକୁ ଭଲଭାବରେ ମିଶାଇ ଦିଅନ୍ତୁ ।
- ଅଧିକ ଅମଳକ୍ଷମ କିସମ ପାଇଁ ଏକର ପିଛା (୩୫ କି.ଗ୍ରା. ଡି.ଏ.ପି + ୨୭ କି.ଗ୍ରା ଏମ୍.ଓ.ପି) କିମ୍ବା (୧୮ କି.ଗ୍ରା ୟୁରିଆ + ୧୦୦ କି.ଗ୍ରା. ଏସ୍. ଏସ୍. ପି. + ୨୭ କି.ଗ୍ରା ଏମ୍.ଓ.ପି) ଶେଷ ଓଡ କାଦୁଅ କରିବା ସମୟରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ବାଲିଆ ମାଟି ହୋଇଥିଲେ ଏକର ପିଛା (୩୫ କି.ଗ୍ରା. ଡି.ଏ.ପି + ୧୩.୫ କି.ଗ୍ରା. ଏମ୍.ଓ.ପି) କିମ୍ବା (୧୮ କି.ଗ୍ରା ୟୁରିଆ + ୧୦୦ କି.ଗ୍ରା. ଏସ୍.ଏସ୍.ପି. + ୧୩.୫ କି.ଗ୍ରା. ଏମ୍.ଓ.ପି) ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ସଙ୍କରଜାତୀୟ ଧାନ କିସମ ପାଇଁ (୫୩ କି.ଗ୍ରା. ଡି.ଏ.ପି. + ୨୭ କି.ଗ୍ରା. ଏମ୍.ଓ.ପି.) କିମ୍ବା (୨୬ କି.ଗ୍ରା. ୟୁରିଆ + ୧୫୦ କି.ଗ୍ରା.ଏସ୍.ଏସ୍.ପି. + ୩୦ କି.ଗ୍ରା. ଏମ୍.ଓ.ପି.) ମୂଳସାର ଭାବେ ଶେଷ ଓଡ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ ।
- ଦସ୍ତା ଅଭାବ ଥିବା ଜମିରେ ଏକର ପିଛା ୧୦ କି.ଗ୍ରା. ଜିଙ୍କସଲଫେଟ୍ କିମ୍ବା ୬ କି.ଗ୍ରା. ଜିଙ୍କ୍-EDTA (ଦୁଇବର୍ଷକୁ ଥରେ) ଶେଷ ଓଢ଼ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଯେଉଁ ଜମିରେ ବୋରନ୍‌ର ଅଭାବ ଥାଏ ସେଠାରେ ଏକର ପିଛା ବୋରାକ୍ସ ୨ କି.ଗ୍ରା. ଶେଷ ଓଢ଼ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଅଧିକ ଅମଳକ୍ଷମ ଧାନର ୨୫ ରୁ ୩୦ ଦିନର ତଳି ୨୦ X ୧୫ ସେ.ମି. ବ୍ୟବଧାନରେ ବୁଦା ପ୍ରତି ୨-୩ ଟି ତଳିରୁଅନ୍ତୁ ଏବଂ ସଙ୍କରଜାତୀୟ ଧାନ ବୁଦା ପ୍ରତି ୧-୨ ଟି ତଳିରୁଅନ୍ତୁ ।
- ଘାସ ନିୟନ୍ତ୍ରଣ ପାଇଁ ଏକର ପିଛା ୪ କି.ଗ୍ରା. ଘାସମରା ଦାନାଦାର ବେନ୍‌ସଲଫ୍ୟୁରାନ୍ ମିଥାଇଲ ୦.୬% + ପ୍ରେଟିଲାକ୍ଲୋର ୬% ଜି.ଆର୍. ସହିତ ୪ କି.ଗ୍ରା ବାଲି ମିଶାଇ ଧାନ ତଳି ରୋଇବାର ୫ ରୁ ୧୦ ଦିନ ପରେ ପ୍ରୟୋଗ କରନ୍ତୁ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବା ପାଇଁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

*******